# Akashvani, Sambalpur

## SAMBALPURI NEWS EVENING BULLETIN

## 21 May 2024- 7.02 pm- 7.12 pm.

*********************************************

୧- ରାଏଜେ ୩ ନମ୍ବର୍ ଖେପେ ଆଏବା ୨୫ ତାରିଖ୍ ଦିନ ସମ୍ବଲ୍‌ପୁର୍ ସହେତେ ୬ଟା ଲୋକ୍‌ସଭା ଆଉ ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ହେବା ଭୋଟ୍ ।

- ଭିନ୍ ଭିନ୍ ରାଜନୈତିକ୍ ଦଲ୍ ତର୍‌ଫୁ ପ୍ରଚାର୍ ଅଭିଯାନ୍ ଜୋର୍‌ଦାର୍ ।

୨- ବରିଷ୍ଠ ବିଜେପି ନେତା ଆଉ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ସମ୍ବଲ୍‌ପୁର୍ ସହେତେ ରାଜ୍ୟର୍ ୪ ଟା ଜାଗା ନ ଜନସଭାଥି ଦଲୀୟ ପ୍ରାର୍ଥୀଙ୍କର୍ ଲାଗି କଲେ ପ୍ରଚାର୍ ।

୩- ୪ ଟା ଭିତ୍‌ରିଆ ଜିଲ୍ଲା ନ ଆଏବା ମାସ ଫେର୍‌ଘାଏ ମୁଲ୍ ହେବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ।

ଆଉର୍

୪- ଦକ୍ଷିଣ- ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଆଏବା କାଏଲ୍ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବାର୍ ଅନୁମାନ୍ କଲା ପାଣିପାଗ୍ ବିଭାଗ୍ ।

ରାଜ୍ୟ ୩ ନମ୍ବର୍ ଖେପ୍ ନିର୍ବାଚନ ଆର୍ଏନ୍ୟୁ/ସମ୍ବଲ୍ପୁର୍

ରାଏଜେ ୩ ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ଆଏବା ୨୫ ତାରିଖ୍ ଦିନ ଭୋଟ୍ ନିଆଯିବା । ଇ ଖେପେ ସମ୍ବଲ୍ପୁର୍, ଢେଙ୍କାନାଲ୍, କେନ୍ଦୁଝର୍, କଟକ୍, ଭୁବ୍ନେଶ୍ୱର୍ ଆର୍ ପୁରୀ ସଂସଦୀୟ କ୍ଷେତ୍ର ଆର୍ ଇତାର୍ ଅଧୀନ୍ଥି ଥିବା ୪୨ ଟା ବିଧାନ୍ସଭା ଆସନ୍ ଲାଗି ଭୋଟ୍ ହେବା । ଇଥିର୍ଲାଗି ଭିନ୍ ଭିନ୍ ରାଜନୈତିକ୍ ଦଲ ତର୍ଫୁ ଜୋର୍ସୋର୍ ପ୍ରଚାର୍ କରାଯାଉଛେ । ନିଜର୍ ଦଲର୍ ଲୋକ୍ସଭା ଆଉ ବିଧାନ୍ସଭା ଆସନ୍ର ପ୍ରାର୍ଥୀମାନ୍କର୍ ଲାଗି ବରିଷ୍ଠ ନେତାମାନେ ରୋଡ଼୍ ସୋ’ କର୍ବାର୍ ସହେତେ ସଭା ମାନ୍କେ ଉଦ୍ବୋଧନ୍ ଦେଉଛନ୍ । ହେନ୍ତା ପ୍ରାର୍ଥୀମାନେ ସେମାନ୍କର୍ ଜନସମ୍ପର୍କ ଅଭିଯାନ୍ ଉପ୍ରେ ଜୋର୍ ଦେଉଥିବାର୍ ଦେଖ୍ବାର୍କେ ମିଲୁଛେ । ଆଏବା ୨୩ ତାରିଖ୍ ଗୁରୁବାର୍ ଦିନ ସଞ୍ଜ୍ବେଲର୍ ୫ ବଜେତକ୍ ପ୍ରାର୍ଥୀମାନେ ନିଜର୍ ପ୍ରଚାର୍ କରିପାର୍ବେ ।

ସେଆଡ଼େ ନିର୍ବାଚନ୍ ଲାଗି ଜିଲ୍ଲା ପ୍ରଶାସନ୍ ମାନ୍କର୍ ତର୍ଫୁ ତୟାରି ଚାଲିଛେ । ସେନ୍ତା ଶାନ୍ତିଶୃଙ୍ଖଲା ସହେତେ ଭୋଟ୍ କର୍ବାର୍ ଆଉ ଆଦର୍ଶ ଆଚରଣ୍ ବିଧି ବାବ୍ଦେ ସଚେତନ୍ କର୍ବାର୍ ଲାଗି ପୁଲିସ୍ ତର୍ଫୁ ବୈଠକ୍ ସହେତେ ଭିନ୍ ଭିନ୍ ସହର୍ମାନ୍କେ ଫ୍ଲାଗ୍ମାର୍ଚ୍ଚ କରାଯାଉଛେ ।

ଅମିତ୍ ଶାହା - ସମ୍ବଲପୁର          ସମ୍ବଲପୁର୍ ସମ୍ବାଦଦାତା

ବିଜେପିର୍ ବରିଷ୍ଠ ନେତା ଆଉ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଆଏଜ୍ ସମ୍ବଲ୍ପୁର୍ ଠାନେ ବିଜୟ ସଂକଳ୍ପ ସମାବେଶ୍ଥି ଯୋଗ୍ ଦେଇକରି ଦଲର୍ ପ୍ରାର୍ଥୀମାନ୍କର୍ ସପକ୍ଷ ନ ଭୋଟ୍ ଦେବାର୍ ଲାଗି ଭୋଟର୍ମାନ୍କୁ ନିବେଦନ୍ କରିଛନ୍ । ଶ୍ରୀ ଶାହା କହିଛନ୍ ଯେ, ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର୍ ଆଦିବାସୀ ମହିଲାଙ୍କୁ ରାଷ୍ଟ୍ରପତି ଆସନ୍ଥି ବସେଇକରି ଓଡ଼ିଶାକେ ସମ୍ମାନ୍ ଦେଇଛନ୍ । ପାଇକ ବିଦ୍ରୋହକେ ସମ୍ମାନ୍ ଦେଇକରି ଡାକ୍ଟିକଟ୍ ଜାରି କରିଛନ୍ । ରାଏଜେ ତାଙ୍କର୍ ସର୍କାର୍ କ୍ଷମତାକେ ଆସ୍ଲେ କେନ୍ଦୁପତ୍ର ତୋଲାଲିମାନ୍କର୍ ଲାଗି ସମ୍ବଲ୍ପୁର୍ ଠାନେ ୫୦ ଶଯ୍ୟାର୍ ଡାକ୍ତର୍ଖାନା ତିଆର୍ କରାଯିବା । ସେ କହିଛନ୍...

(ଭଏସ୍ ଓଭର୍- ଅମିତ୍ ଶାହା)

ବିଜୟ ସଂକଳ୍ପ ସମାବେଶ୍ ଉତ୍ରୁ ଶ୍ରୀ ଶାହା ସମଲେଇ ମନ୍ଦିର୍ ଯାଇକରି ମା ସମଲେଇଙ୍କର୍ ଦର୍ଶନ୍ କରିଥିଲେ । ଇ ବିଜୟ ସଂକଳ୍ପ ସମାବେଶ୍ଥି ସମ୍ବଲ୍ପୁର୍ ଲୋକ୍ସଭା ପ୍ରାର୍ଥୀ ଆର୍ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଉ ବିଜେପିର୍ ବରିଷ୍ଠ ନେତା ଆର୍ ଦଲୀୟ କାର୍ଯ୍ୟକର୍ତାମାନେ ଉପସ୍ଥିତ୍ ଥିଲେ ।

ସମ୍ବଲ୍ପୁର୍ ଜନସଭା ଉତ୍ରୁ ଶ୍ରୀ ଶାହା କେନ୍ଦୁଝର୍ର ନୂଆଁ ମେଡ଼ିକାଲ୍ କଲେଜ୍ ପଡ଼ିଆ, ଢେଙ୍କାନାଲ୍ର ପର୍ଜଙ୍ଗ୍ ବାଟଗାଁ ପଡ଼ିଆ ଆଉ ନୟାଗଡ଼୍ର ଲାଠିପଡ଼ା ଟାଙ୍ଗି

ପଡ଼ିଆଠାନେ ଦଲର୍ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କରିଥିଲେ ।

ରାଷ୍ଟ୍ରୀୟ କୃଷି ବିକାଶ୍ ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

ଇ ଆର୍ଥିକ୍ ବଛ୍‌ରେ କୃଷିକ୍ଷେତ୍ରର୍ ଲାଗି ରାଷ୍ଟ୍ରୀୟ କୃଷି ବିକାଶ୍ ଯୋଜ୍‌ନାଥି ୧ ହଜାର୍ କୋଟି ଟଙ୍କା ଖର୍ଚ୍ଚା କରାଯିବା ବଲି ସର୍‌କାରୀ ସୂତ୍ରନୁ ଜନାପଡ଼ିଛେ । ଖାଲି ମୃତିକା ପରୀକ୍ଷା ଆଉ ମୃତିକା ସ୍ୱାସ୍ଥ୍ୟର୍ ଉନ୍ନତି ଲାଗି ଶହେ ୧୬ କୋଟି ୫୦ ଲାଖ୍ ଟଙ୍କା ବିନିଯୋଗ୍ କରାଯିବା । ଜାତୀୟ ଖାଦ୍ୟ ସୁରକ୍ଷା ମିଶନ୍‌ଥି ଶହେ ୧୯ କୋଟି ଟଙ୍କା ଖର୍ଚ୍ଚା କରାଯିବାର୍ ସହେତେ କୃଷି ଜଙ୍ଗଲ୍ ନ ୪ କୋଟି ୫୭ ଲାଖ୍ ଟଙ୍କା ଖର୍ଚ୍ଚା କରାଯିବା ବଲି କୃଷି ବିଭାଗ୍‌ର ତଥ୍ୟନୁ ଜନାପଡ଼ିଛେ ।

ହାଇକୋର୍ଟ-ଖରାଛୁଟି ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ହାଇକୋର୍ଟ ନ ଆଏଜ୍‌ଠାନୁ ଆଏବା ଜୁନ୍ ମାସର୍ ୧୭ ତାରିକ୍‌ତକ୍ ଖରାଛୁଟି ଘୋଷ୍‌ନା କରାଯାଇଛେ । ଜୁନ୍ ୧୮ ତାରିଖ୍ ଦିନ କୋର୍ଟ ଖୁଲ୍‌ବା । ହେଲେ ଖରାଛୁଟି ସମିଆଥି ଇ ମାସର୍ ୨୩, ୨୮, ୩୦ ଆର୍ ଆଏବା ମାସର୍ ୪, ୬, ୧୧ ଆର୍ ୧୨ ତାରିଖ୍ ଦିନ ଛୁଟୀକାଳୀନ ଖଣ୍ଡପୀଠ

ବସ୍‌ବା ବଲି ଗଲାକାଏଲ୍ ହାଇକୋର୍ଟଙ୍କର୍ ତର୍ଫୁ ବାହାର୍ କରାଯାଇଥିବାର୍ ବିଜ୍ଞପ୍ତିଥି କୁହାଯାଇଛେ । ସବୁ ଜରୁରୀମାମ୍‌ଲା ଆଉ ଛୁଟି ଉତ୍‌ରୁ କୋର୍ଟ ଖୁଲ୍‌ବାର୍‌ତକ୍ ଟକାଯାଇ ନାଇଁ ହଉଥିବାର୍ ମାମ୍‌ଲା ମାନ୍‌କର୍ ଧାରିଜ୍ କାର୍ଯ୍ୟଦିବସ୍‌ର ଦିନର୍ ୧୧ ନୁ ୧୨ ବଜେ ଭିତ୍‌ରେ କମ୍ପ୍ୟୁଟର୍ ଫାଇଲିଂ କାଉଂଟର୍ ନ ଦାୟର୍ କରାଯାଇପାର୍‌ବା ବଲି ବିଜ୍ଞପ୍ତି କୁହାଯାଇଛେ ।

ମୁଖ୍ୟମନ୍ତ୍ରୀ- ବାୟୁ ସ୍ୱାସ୍ଥ୍ୟସେବା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ୪ ଟା ଭିତ୍‌ରିଆ ଜିଲ୍ଲା ମାଲ୍‌କାନ୍‌ଗିରି , ନବରଙ୍ଗ୍‌ପୁର୍, ନୂଆପଡ଼ା ଆର୍ କଲାହାଣ୍ଡି ଜିଲ୍ଲା ନ ଆଏବା ମାସର୍ ପହେଲା ନାହେତ ୨ ନମ୍ବର୍ ହପ୍ତାଥି ଫେର୍‌ଘାଏ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ମୁଲ୍ ହେବା ବଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ସୂଚ୍‌ନା ମିଲିଛେ । । ଜବର୍ ଖରା ଲାଗି ଇ ସେବା ମାସେ ହେଲା ଅସ୍ଥାୟୀ ଭାବେ ବନ୍ଦ୍ ରହିଛେ । ଇନ ଜନେଇ ଦିଆଯାଇପାରେ ଯେ, ୨୦୨୧ ମସିହାଥି ମୁଲ୍ ହେଇଥିବା ଇ ଯୋଜ୍‌ନା ଅନ୍‌ସାରେ ବିଶେଷଜ୍ଞ ଡାକ୍ତର୍‌ମାନେ ଇ ଜିଲ୍ଲାମାନ୍‌କୁ ଯାଇକରି ଚିକିତ୍ସା କର୍‌ବାର୍ ବ୍ୟବସ୍ଥା ରହିଛେ । ହେନ୍ତାକି ଅସ୍ତ୍ରେପଚାର୍ ଲାଗି ରୋଗୀମାନ୍‌କୁ ଅଲ୍‌ଗା ଜାଗାକେ ଭିଲ୍ ସ୍ଥାନାନ୍ତର୍ କରାଯାଇପାରୁଛେ ।

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ଚଲ୍‌ତି ଶିକ୍ଷାବଛର୍ ଲାଗି ରାଜ୍ୟର୍ ସବୁ ସରକାରୀ ଆଉ ସର୍‌କାରୀ ଅନୁଦାନ୍ ପାଉଥିବା ସ୍କୁଲ୍‌ର ୧ ନୁ ୮ କ୍ଲାସ୍‌ତକ୍ ଛାତ୍ରଛାତ୍ରୀମାନ୍‌କୁ ଟି-ସାର୍ଟ, ପେଂଟ୍, ଜୁତା ଆର୍ ପରିଚୟ ପତ୍ର ମିଲ୍‌ବା । ଇ ସୁବିଧା ରାଜ୍ୟର୍ ଅନୁସୂଚିତ ଜାତି, ଆଉ ଜନଜାତି ବିଭାଗ୍ ଅଧୀନ୍‌ଥି ଥିବା ସବୁ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଭିଲ୍ ପାଏବେ । ଇଥିର୍‌ଲାଗି ଝନେ ଛୁଆର୍ ଲାଗି ୫ ଶହ ଟଙ୍କା ଖର୍ଚ୍ଚା ହେବା ।

ଶୂନ୍ୟ ଛାୟା ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଆଉ କଟକ୍ ସହେତେ ରାଜ୍ୟର୍ କେତେଟା ଜାଗା ନ ଶୂନ୍ୟଛାୟା ଦିଶ୍‌ବାର୍ ମୁଲ୍ ହେଇଛେ ବଲି ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ସୂତ୍ରନୁ ଜନାପଡ଼ିଛେ । ଭୁବ୍‌ନେଶ୍ୱର୍ ନ ଆଏଜ୍ ୧୧ ବାଜିକରି ୪୩ ମିନିଟ୍‌ଥି ଶୂନ୍ୟଛାୟା ଦିଶିଥିଲା । ସେଆଡ଼େ କଟକ୍ ନ ଆଏବା କାଏଲ୍ ଦିନର୍ ସାଢ଼େ ୧୧ ବଜେ ଶୂନ୍ୟଛାୟା ଦିଶ୍‌ବା ବଲି ଅନୁମାନ୍ କରାଯାଇଛେ । ବଲାଙ୍ଗିର୍ ନ ଆଏବା ୨୩ ତାରିଖ୍, ବୁର୍ଲା ନ ୨୮ ତାରିଖ୍, ବାରିପଦା ନ ୩୧ ତାରିଖ୍, ରାଉର୍‌କେଲା

ନ ଜୁନ୍ ୨ ତାରିଖ୍ ଦିନ ଶୂନ୍ୟଛାୟା ଦେଖ୍‌ବାର୍‌କେ ମିଲ୍‌ବା ବଲି ଅନୁମାନ୍ କରାଯାଇଛେ । ସୂର୍ଯ୍ୟ ଦିଗ୍‌ବଳୟର ଯେତେ ପାଖେ ରହେସି, ଛାଇ ସେତେ ଅଏତ୍‌କା ହେସି ଆଉ ସୂର୍ଯ୍ୟ ମୁଡ୍‌ଉପର୍‌କେ ଆସ୍‌ଲେ ଛାଇ ଖୋବ୍ ଛୋଟ୍ ହେଇଯାଏସି । ହେଲେ ଛାଇ ପୁରାପୁରି ଭାବେ ଉଭେଇ ନାଇଁ ଯାଏ । ହେଲେ ଶୂନ୍ୟଛାୟାଥି ଛାଇ ବିଲ୍‌କୁଲ୍ ନାଇଁ ଦିଶେ ।

କଂଗ୍ରେସ୍ ନେତା- ଓଡ଼ିଶାଗସ୍ତ ଆର୍‌ଏନ୍‌ୟୁ /ସମ୍ବଲପୁର

ଅଖିଲ୍ ଭାରତ୍ କଂଗ୍ରେସ୍ କମିଟି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ୍‌ଗେ ଆର୍ ସାଧାରଣ୍ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଆଉ ଦଲର୍ ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ ଆଏବା ହପ୍ତାଥି ଓଡ଼ିଶା ଆସ୍‌ବେ । ମେ ୨୬ ତାରିଖ୍ ଦିନ ରାହୁଲ୍ ଗାନ୍ଧୀ ଓଡ଼ିଶା ଆସ୍‌ବାର୍‌କେ ଥିବାର୍ ବେଲେ ୨୭ ତାରିଖ୍ ମଲ୍ଲିକାର୍ଜୁନ୍ ଖଡ୍‌ଗେ ଆର୍ ୨୮ ତାରିଖ୍ ପ୍ରିୟଙ୍କା ଗାନ୍ଧୀ ଆସ୍‌ବେ ବଲି ରାଜ୍ୟ କଂଗ୍ରେସ୍ ପ୍ରଭାରୀ ଅଜୟ କୁମାର୍ ସୂଚ୍‌ନା ଦେଇଛନ୍ । କଂଗ୍ରେସ୍‌ର ଇ ନେତାମାନେ ବାଲେଶ୍ୱର୍, ଭଦ୍ରକ୍, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର୍, ପାରାଦ୍ୱୀପ୍ ଆର୍ ମୟୁର୍‌ଭଞ୍ଜ୍ ନ ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ରଥ ନିର୍ମାଣ କାର୍ଯ୍ୟ ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀକ୍ଷେତ୍ର ରଥଖଲା ନ ତିନ୍‌ହି ରଥର୍ ୪୨ ଟା ଯାକ ତୁମ୍ବଥି ୧୬ ଯୋଡ଼ା ବିନ୍ଧ କାମ୍ ସରିଛେ । ତାଲ୍‌ଧ୍ୱଜ ରଥର୍ ୧୪ ଟା, ଦେବଦଳନ ରଥର୍ ୧୨ ଟା ଆର୍ ନନ୍ଦିଘୋଷ୍ ରଥର୍ ୧୬ ଟା ତୁମ୍ବ ନ ୪୨ ଟା ଲେଖା ବିନ୍ଧ କରାଯାଇଛେ । ଇତାର୍ ଉତ୍‌ରୁ ବିନ୍ଧମାନ୍‌କେ ଅରପଟା ସଂଯୋଗ୍ କରାଯିବା । ସେନ୍ତା ଅସ୍ଥାୟୀ କମାରଶାଳ ନ ଅରକଂଟା ଆର୍ ପନ୍ଧାରୀ ବନାବାର୍ କାମ୍ ଚାଲିଛେ ।

କମ୍ବିଂ ଅପରେସନ୍ -ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍‌ର ସୁନାବେଡ଼ା ଅଭୟାରଣ୍ୟ ଠାନେ ପୁଲିସ୍ ତର୍‌ଫୁ ତଲାସୀ ଅଭିଯାନ୍ ସମିଆଥି ମାଓବାଦୀମାନ୍‌କର୍ ଗୁଟେ କେମ୍ପ୍ ଠାବ୍ କରାଯାଇଥିବାର୍ ଜନାପଡ଼ିଛେ । ଇନ ବହୁତ୍‌ଟେ ମାଓ ସମ୍ପର୍କିତ ଦରବ୍ ଜବତ୍ କରାଯାଇଛେ ବଲି ଏସ୍.ପି. ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚ୍‌ନା ଦେଇଛନ୍ । ନଗଦ୍ ୪ ଲାଖ୍ ଟଙ୍କା, ଗୁଟେ ପିସ୍ତଲ୍, ୫ ରାଉଣ୍ଡ୍ ଗୁଲି ଭିଲ୍ ଉଦ୍ଧାର୍ କରାଯାଇଛେ ବଲି ସେ କହିଛନ୍ । ଗଲାକାଏଲ୍ ଭୋର୍ ସମିଆ ନ ପୁଲିସ୍ ତର୍‌ଫୁ ତଲାସୀ ଅଭିଯାନ୍ କରାଯାଉଥିବାର୍ ବେଲେ ମାଓବାଦୀମାନ୍‌କର୍ ସହେତେ ଗୁଲି ମରାମରି ହେଇଥିଲା ।

ଅଂଶୁଘାତ      ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଗ୍ରୀଷ୍ମପ୍ରବାହ ଲାଗି ଅସୁସ୍ଥତା ଆଉ ଅଂଶୁଘାତ ରୋଗୀଙ୍କର୍ ସଂଖ୍ୟା ୧ ହଜାର୍ ୨୧ ହେଇଥିବାର୍ ସ୍ୱାସ୍ଥ୍ୟ ବିଭାଗ୍ ସୂତ୍ରନୁ ଜନାପଡ଼ିଛେ । ସର୍‌କାରୀ ତଥ୍ୟ ଅନ୍‌ସାରେ ଇହାଦେତକ୍ ଅଂଶୁଘାତ୍‌ନୁ ମୃତ୍ୟୁ ସଂଖ୍ୟା ୪ ଥିବାର୍ ବେଲେ ଅଲ୍‌ଗା ୧୬ ଝନ୍‌କର୍ ମୃତ୍ୟୁ ଅଭିଯୋଗ୍‌ର ଯାଂଚ୍ ଚାଲିଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ କଟକ୍

ଦକ୍ଷିଣପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଆଏବା କାଏଲ୍ ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ଅନୁମାନ୍ ରହିଛେ । ଇଟା ତାର୍ ଉତ୍‌ରୁ ଉତର୍‌ପୂର୍ବ ଦିଗ୍‌କେ ଗତି କର୍‌ବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ଆଏବା ୨୪ ତାରିଖ୍ ଆଡ଼େ ଲଘୁଚାପ୍-ଅବପାତ୍‌ର ରୂପ୍ ନେବା । ଇଥିର୍‌ଲାଗି ଦକ୍ଷିଣ ଓଡ଼ିଶା, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍ ଆର୍ ବର୍‌ଗଡ଼୍ ଜିଲ୍ଲାକେ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ । ଇ  ଜିଲ୍ଲାମାନ୍‌କର୍ ଗୁଟେ ଜୁଡ଼େ ଜାଗା ନ ଘଂଟାକ ୩୦ ନୁ ୪୦ କିଲୋମିଟର୍ ବେଗଥି ପବନ୍ ବୁହିବାର୍ ସହେତେ ବିଜ୍‌ଲି ମାର୍‌ବାର୍ ଅନୁମାନ୍ କରାଯାଇଛେ ।

ହେଲେ ବାତ୍ୟା ବାବ୍‌ଦେ ଫଟିକ୍ ଚିତ୍ର ନେଇକରି ଭିନ୍ ଭିନ୍ ପାଣିପାଗ୍ ମୋଡ୍ରେଲ୍ ଅଲ୍‌ଗା ଅଲ୍‌ଗା ଆକଲନ୍ କରୁଥିବାର୍‌ନୁ ଆଏବା ୨ ଦିନ୍ ଉତ୍‌ରୁ ବାତ୍ୟା କେନ୍‌ଆଡ୍‌କେ ମୁହାଁବା, ସେଟା ଫଟିକ୍ ହେବା ।

ଲଘୁଚାପ୍ ଆଉ ଅବପାତ୍ ଲାଗି ବର୍ଷା ଆଉ ଜୋର୍ ଧୁକା ହେବା ବଲି ପାଣିପାଗ୍ ବିଭାଗ୍ ସତର୍କ କରେଇଛେ । ଆଏବା ୨୩ ଆଉ ୨୪ ତାରିଖ୍ ଦିନ ଉତର୍ ଓଡ଼ିଶା ନ ବର୍ଷା ହେବା ଆଉ କେତେଟା ଜାଗା ନ ଅତି ପ୍ରବଲ୍ ବର୍ଷା ହେବା ବଲି ଅନୁମାନ୍ କରାଯାଇଛେ । ଖାଲି ବର୍ଷା ନୁହେଁ କେତେଟା ଜାଗା ନ ପବନ୍‌ର ଝଟ୍‌କାର ବେଗ ୭୦ କିଲୋମିଟର୍ ରହେବା ବଲି ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।

ତାପମାତ୍ରା ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ କାଲ୍‌ବୈଶାଖୀର୍ ଲାଗି ତାତି ଟିକେ କମିଥିଲେ ଭିଲ୍ ଆଏଜ୍ ୮ ଟା ଜାଗା ନ ତାତି ୪୦ ଡିଗ୍ରୀ ଉପ୍‌ରେ ରେକର୍ଡ୍ କରାଯାଇଛେ । ନୂଆପଡ଼ା ନ ସବୁନୁ ଜହ ୪୨ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ୍ କରାଯାଇଥିଲା । ସୁନ୍ଦର୍‌ଗଡ୍ ନ ତାତି ୪୧ ଦଶ୍‌ମିକ୍ ୨, ବୌଦ୍ଧ ନ ୪୦ ଦଶ୍‌ମିକ୍ ୫, ଝାର୍‌ସୁଗୁଡ଼ା ଆର୍ ବଲାଙ୍ଗିର୍ ନ ୪୦ ଦଶ୍‌ମିକ୍ ୪, ଭବାନୀପାଟ୍‌ନା ଆର୍ ଟିଟିଲାଗଡ୍ ନ ୪୦ ଡିଗ୍ରୀ ସେଲ୍‌ସିଅସ୍ ରହିଥିଲା ।